# ଭିନ୍ନକ୍ଷମଙ୍କୁ ଜନଗଣନାରେ ଗଣତି ନେଇ କର୍ମଶାଳା

ନୟାଗଡ଼, ତା ୪।୨(ନି.ପ୍ର): ନୟାଗଡ଼ ଜିଲ୍ଲା ଆଇନା ତରଫରୁ ନୟାଗଡ଼ ବ୍ଲକ ଭିନ୍ନକ୍ଷମ ସଂଯୋଜକ ରବୀନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନାର ସଂଯୋଜକ ଦିଲ୍ଲୀପ ବିଶ୍ୱାଳ, ସାମ୍ବାଦିକ ଶୁଭେନ୍ଦୁ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜନଗଣନାରେ ସେମାନଙ୍କୁ ସାମିଲ କରିବା ଜରୁରୀ ବୋଲି କହିଥିଲେ। କର୍ମଶାଳାରେ ଅନେକ ଭିନ୍ନକ୍ଷମ ବ୍ୟକ୍ତି ଓ ମହିଳା ସାମିଲ ହୋଇଥିଲେ। ବ୍ଲକ ସଂଯୋଜକ ରବୀନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।